# NATIONAL NEWS BULLETIN (ODIA)

## 12 September - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତରେ ବିମାନ ଚଳାଚଳ କ୍ଷେତ୍ରରେ ଉଲ୍ଲେଖୀୟ ଉନ୍ନତି ଦେଖିବାକୁ ମିଳୁଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସି.ପି.ଆଇ.ଏମ୍.ର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ କମ୍ୟୁନିଷ୍ଟ ନେତା ସୀତାରାମ ୟେଚୁରୀଙ୍କ ପରଲୋକ ।

– ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରୁ ଶୋକପ୍ରକାଶ ।

- ହରିୟାଣା ବିଧାନସଭା ଭଙ୍ଗ; ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆଜି ଶେଷ ହେଲା ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ।

- ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଭି-ଏଲ୍ ଏସ୍.ଆର୍.ଏସ୍.ଏ.ଏମ୍. କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଏବଂ

- ପୁରୁଷ ଏସିଆ ହକି କପ୍ ପ୍ରତିଯୋଗିତାରେ ଭାରତ' କୋରିଆ ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟୀ।

## ପି.ଏମ୍.-ଏସିଆ-ପାସିଫିକ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତରେ ବିମାନ ଚଳାଚଳ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଦେଖିବାକୁ ମିଳୁଛି। ନାଗରିକଙ୍କର ସହଜ ଯାତ୍ରା ଏବଂ ଏ କ୍ଷେତ୍ରରେ ଯୋଗାଯୋଗ ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦିଲ୍ଲୀ ଘୋଷଣା ପତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଘୋଷଣା କରିଛନ୍ତି । ବିମାନ ଚଳାଚଳ କ୍ଷେତ୍ରକୁ ଏକ ନୂତନ ଶିଖରରେ ପହାଇଞ୍ଚିବା ଦିଗରେ ଏହି ଘୋଷଣା ପତ୍ର ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ୍ ଭାବେ କାର୍ଯ୍ୟ କରିବ ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଶ୍ରୀ ନାଇଡୁ ଏହି ମନ୍ତ୍ରିସ୍ତରୀୟ ସମ୍ମିଳନୀର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ସିପିଆଇଏମ୍- ୟେଚୁରୀ

ସିପିଆଇଏମ୍‌ର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ କମ୍ୟୁନିଷ୍ଟ ନେତା ସୀତାରାମ ୟେଚୁରୀଙ୍କର ଆଜି ପରଲୋକ ହୋଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ବହୁଦିନ ଧରି ଅସୁସ୍ଥତା କାରଣରୁ ସେ ନୂଆଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଛାତ୍ରାବସ୍ଥାରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସୀତାରାମ ୟେଚୁରୀ ଜଣେ ଦକ୍ଷ ସଂଗଠକ ଏବଂ ପ୍ରଭାବଶାଳୀ ବକ୍ତା ଥିଲେ। ତାଙ୍କର ରାଜନୈତିକ ଦୃଷ୍ଟିକୋଣ ଅଲଗା ଥିଲେ ମଧ୍ୟ ଅନ୍ୟ ରାଜନୈତିକ ଦଳର ସଦସ୍ୟଙ୍କ ସହ ତାଙ୍କର ଉତ୍ତମ ବନ୍ଧୁତ୍ୱ ଥିଲା ବୋଲି ସେ କହିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ରାଷ୍ଟ୍ରପତି ସମବେଦନା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟେଚୁରୀଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ବାମପନ୍ଥୀ ଚିନ୍ତାଧାରାର ସେ ଜଣେ ଆଲୋକବର୍ତ୍ତିକା ଥିଲେ। ଜଣେ ଶ୍ରେଷ୍ଠ ସାଂସଦ ଭାବରେ ତାଙ୍କର ବହୁତ ମାନ୍ୟତା ଥିଲା ବୋଲି ପ୍ରଧାନମନ୍ତ୍ରୀ

କହିଛନ୍ତି। ଶୋକସନ୍ତପ୍ତ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୀତାରାମ ୟେଚୁରୀଙ୍କ ପରଲୋକରେ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କର ଅନୁପସ୍ଥିତି ରାଜନୈତିକ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ୟେଚୁରୀଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଭାରତୀୟ ରାଜନୀତିରେ ସେ ଜଣେ ସମ୍ମାନସ୍ପଦ ବ୍ୟକ୍ତିତ୍ୱ ଥିଲେ ବୋଲି ଶ୍ରୀ ନାଇଡୁ କହିଛନ୍ତି। ଜାତୀୟ ସ୍ୱାର୍ଥଜଡ଼ିତ ପ୍ରସଙ୍ଗରେ ତାଙ୍କର ଚିନ୍ତାଧାରା ଅତ୍ୟନ୍ତ ସ୍ପଷ୍ଟ ଏବଂ ଦେଶର ଉନ୍ନତି ଲାଗି ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ହରିୟାଣା–ଲେଜିସଲେଟିଭ୍ ଆସେମ୍ବ୍ଲି

ହରିୟାଣା ବିଧାନସଭା ଭଙ୍ଗ ହୋଇଛି। ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଆଜି ଏହି ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ୧୪ତମ

ବିଧାନସଭା ଭଙ୍ଗ ପାଇଁ ହରିୟାଣା କ୍ୟାବିନେଟ୍ ଗତକାଲି ରାଜ୍ୟପାଳଙ୍କୁ ସୁପାରିସ କରିଥିଲା ।

## ଜାମ୍ମୁ-କାଶ୍ମୀର ଇଲେକ୍ସନ

ହରିୟାଣା ବିଧାନସଭା ଏବଂ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତାକାଲି ଉଭୟ ରାଜ୍ୟର ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ। ୧୬ ତାରିଖ ଦିନ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଧାର୍ଯ୍ୟ କରାଯାଇଥିବାବେଳେ ଜାମ୍ମୁ କାଶ୍ମୀର ବିଧାନସଭା ଆସନର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୧୭ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାରର କରାଯାଇପାରିବ। ସୂଚନାଯୋଗ୍ୟ, ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୪୦ଟି ବିଧାନସଭା ଆସନ ପାଇଁ ଅକ୍ଟୋବର ପହିଲାରେ ମତଗ୍ରହଣ କରାଯିବ। ଜାମ୍ମୁକାଶ୍ମୀରରେ ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୫ ତାରିଖରେ ଅନୁଷ୍ଠିତ ହେବ।

## ଝାଡ଼ଖଣ୍ଡ- ଏଚ୍ଏଏମ୍

ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ସେକୁଲାର) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସହ ମିଶି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ରାଞ୍ଚିଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୋର୍ଚ୍ଚାର ପ୍ରତିଷ୍ଠାତା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନରାମ ମାନ୍‌ଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବାକୁ ଥିବା ବିଧାନସଭା ଆସନଗୁଡ଼ିକୁ ଚିହ୍ନଟ କରାଯାଉଛି। ମୋର୍ଚ୍ଚାର ସଭାପତି ସନ୍ତୋଷ କୁମାର ସୁମନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏନ୍‌ଡିଏ ସହ ଆସନ ବୁଝାମଣା ନେଇ ଆଲୋଚନା କରାଯିବ ବୋଲି ଶ୍ରୀ ମାନ୍‌ଝୀ କହିଛନ୍ତି। ହେମନ୍ତ ସୋରେନ ସରକାରଙ୍କ ପ୍ରତି ଝାଡ଼ଖଣ୍ଡବାସୀ ବିତସ୍ପୃତ ଅଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଜେଏମ୍ଏମ୍ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ଝାଡ଼ଖଣ୍ଡରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକୁ ବିଜେପି ସହ୍ୟ କରିପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି।

## ଓଡ଼ିଶା-ଭିଏଲ୍-ଏସ୍ଆର୍ଏସ୍ଏମ୍

ଓଡ଼ିଶା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୁର ପରୀକ୍ଷଣ କେନ୍ଦ୍ରରୁ ଭୂପୃଷ୍ଠିରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ଭି-ଏଲ୍

ଏସ୍.ଆର୍.ଏସ୍.ଏ.ଏମ୍.ର ସଫଳ ପରୀକ୍ଷଣ କରାଯାଇଛି। ଚାନ୍ଦିପୁରର ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜର ଲଞ୍ଚପ୍ୟାଡ୍‌ରୁ ଆଜି ଅପରାହ୍ନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷୁଦ୍ର ଦୂରତା ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ– ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ମିଳିତ ଭାବେ ଏହି ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣରେ କ୍ଷେପଣାସ୍ତ୍ର ସମସ୍ତ ଆବଶ୍ୟକ କାର୍ଯ୍ୟଦକ୍ଷତା ମାନଦଣ୍ଡ ପୂରଣ କରିଥିବା ଜଣାପଡ଼ିଛି। ଏହି ଜାହାଜବାହୀ କ୍ଷେପଣାସ୍ତ୍ର ଦ୍ୱାରା ନିକଟବର୍ତ୍ତୀ ଦୂରତା ମଧ୍ୟରେ ଥିବା ଆକାଶ ଏବଂ ସାମୁଦ୍ରିକ ବିପଦକୁ ନିଷ୍କ୍ରିୟ କରାଯାଇପାରିବ।

## ରାଜୀବ ରଞ୍ଜନ- ମନସୁନ୍ ମିଟ୍

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତାକାଲି ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ମୌସୁମୀ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ମତ୍ସ୍ୟଚାଷ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏଥିରେ ଅଧ୍ୟକ୍ଷତା କରିବେ। ଏ କ୍ଷେତ୍ରରେ ନିଆଯାଉଥିବା କାର୍ଯ୍ୟକ୍ରମର ତୃଣମୂଳସ୍ତରରେ ଫଳପ୍ରଦ ରୂପାୟନ ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ଢାଞ୍ଚା ପ୍ରସ୍ତୁତ କରିବା ଏହି ବୈଠକ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବାଘେଲ, ଜର୍ଜ କୁରିଏନ୍ ତଥା ବିଭାଗୀୟ ଉଚ୍ଚପଦାଧିକାରୀ ଯୋଗଦେବେ। ମତ୍ସ୍ୟଚାଷ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଅଧୀନସ୍ଥ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିଭାଗ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ପ୍ରାଣୀ ସମ୍ପଦ କ୍ଷେତ୍ର ୯ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ହାରରେ ବିକଶିତ ହୋଇଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ମୋଟ୍ ମୂଲ୍ୟବୃଦ୍ଧିରେ ଏହାର ଯଥେଷ୍ଟ ଅବଦାନ ରହିଥିବା ଜଣାପଡ଼ିଛି। ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିଭାଗର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ଅଂଶସ୍ୱରୂପ ଅନେକ ପ୍ରମୁଖ ଘୋଷଣା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଏହି ବୈଠକରେ ଆରମ୍ଭ କରାଯିବାର ସମ୍ଭାବନା ରହିଛି।

## ଗ୍ଲୋବାଲ ବାୟୋ-ଇଣ୍ଡିଆ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି, ବାୟୋଟେକ୍ନୋଲୋଜି ଆଧାରିତ ଜୈବ ବିପ୍ଳବ କ୍ଷେତ୍ରରେ ଭାରତ ସମୟୋଚିତ ଭାବେ ଅଗ୍ରସର ହେଉଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଗ୍ଲୋବାଲ ବାୟୋଇଣ୍ଡିଆ-୨୦୨୪ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ସିଂ କହିଛନ୍ତି, ପାଶ୍ଚାତ୍ୟ ବିଶ୍ୱ ପାଇଁ ପ୍ରଯୁକ୍ତିବିଦ୍ୟାର ପ୍ରଭାବ

ଭଳି ଜୈବ ବିପ୍ଳବ ଭାରତ ପାଇଁ ସମ ପ୍ରକାର କ୍ଷେତ୍ର ସୃଷ୍ଟି କରିବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ରାଜ୍ୟ ସରକାର, ଷ୍ଟାଟ ଅପ୍, ଗବେଷକ, ବାୟୋ-କ୍ଲଷ୍ଟର, ନିବେଶକ, ଆନ୍ତର୍ଜାତିକ ସଂସ୍ଥା, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ଗୋଷ୍ଠୀଙ୍କ ସମେତ ବିଭିନ୍ନ ସଂସ୍ଥା ପାଇଁ ଏହି କ୍ଷେତ୍ର ଏକ ବ୍ୟାବସାୟିକ ନେଟୱର୍କିଂ ପ୍ଲାଟଫର୍ମଭାବେ  କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି। ଅଭିନବ ଚିନ୍ତାଧାରା ଏବଂ ଭାଗିଦାରୀ ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୩୦ରୁ ଅଧିକ ଦେଶ ପକ୍ଷରୁ ୫୦୦ରୁ ଅଧିକ ପ୍ରଦର୍ଶନୀ ଏହି ସମ୍ମିଳନୀରେ ସ୍ଥାନ ପାଇଛି। ଗ୍ଲୋବାଲ ବାୟୋ-ଇଣ୍ଡିଆ-୨୦୨୪ ହେଉଛି ବାୟୋ-ଟେକ୍ନୋଲୋଜି ଅଂଶୀଦାରଙ୍କର ଏକ ପ୍ରମୁଖ ଆର୍ନ୍ତଜାତିକ ସମାବେଶ।

## ନୀତି ଆୟୋଗ ପେଣ୍ଡାମିକ୍ ରିପୋର୍ଟ

ନୀତି ଆୟୋଗ "ଭବିଷ୍ୟତ ମହାମାରୀ ପ୍ରସ୍ତୁତି ଏବଂ ଜରୁରୀକାଳୀନ ବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଢାଞ୍ଚା" ଶୀର୍ଷକ ଏକ ବିଶେଷଜ୍ଞ କମିଟି ରିପୋର୍ଟ ଜାରି କରିଛି। ଭବିଷ୍ୟତରେ କୌଣସି ପ୍ରକାର ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମାର୍ଗଦର୍ଶନ ସହ ଏହା ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସହାୟକ ହେବ। କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୀତି ଆୟୋଗ ଭବିଷ୍ୟତରେ ସମ୍ଭାବ୍ୟ ମହାମାରୀର ମୁକାବିଲା ପାଇଁ ଏକ ଢାଞ୍ଚା ପ୍ରସ୍ତୁତ କରିବାକୁ ବିଶେଷଜ୍ଞ କମିଟି ଗଠନ କରିଥିଲା। ପ୍ରଭାବଶାଳୀ ପରିଚାଳନା ପାଇଁ ସଂକ୍ରମଣର ପ୍ରଥମ ୧୦୦

ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ଉପରେ ଏହି ରିପୋର୍ଟରେ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଛି।

## ହକି

ଚୀନ୍‌ର ହୁଲୁନ୍‌ବିଉର୍ ଠାରେ ଚାଲଥିବା ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ’ କୋରିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଅରିଜିତ ସିଂ ହୁଣ୍ଡାଲ ଏବଂ ଅଧିନାୟକ ହରମନପ୍ରୀତ ସିଂ ଗୋଲ୍ କରିଥିଲେ। ତେବେ ପୂର୍ବରୁ ଚୀନ୍, ଜାପାନ୍ ଏବଂ ମାଲେସିଆକୁ ପରାସ୍ତ କରି ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି। ଲିଗ୍ ପର୍ଯ୍ୟାୟରେ ଶେଷ ମ୍ୟାଚ୍‌ରେ ଆସନ୍ତା ଶନିବାର ଦିନ ଭାରତ ପାକିସ୍ତାନକୁ ଭେଟିବ। ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟରେ ଖେଳାଯାଉଥିବା ଏହି ଚାମ୍ପିଅନସିପ୍ ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୬ ତାରିଖ ଦିନ ସେମିଫାଇନାଲ ଏବଂ ୧୭ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ।